

# ସବୁଜ ସ୍ୱର୍ଣ୍ଣ
# Green Gold

## କୃଷି ବିଜ୍ଞାନ କେନ୍ଦ୍ର, (ଓ.ୟୁ.ଏ.ଟି.) ନୟାଗଡ଼
## KRISHI VIGYAN KENDRA, (O.U.A.T.), NAYAGARH

ଜାନୁୟାରୀ -ମାର୍ଚ୍ଚ

ସମାଚାର ପତ୍ର-୨୦୨୩









### ୧୭ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ

ସାଂପ୍ରତିକ ପରିସ୍ଥିତିରେ ଚାଷଜନିତ ସମସ୍ୟାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଦ୍ୱାରା କାର୍ଯ୍ୟକାରୀ ହେଇଥିବା ବିଗତ ବାର୍ଷିକ ଯୋଜନା - ୨୦୨୨ ତଥା ଚଳିତ ବର୍ଷ ପାଇଁ ପ୍ରଣୟନ କରାଯାଇଥିବା କାର୍ଯ୍ୟକ୍ରମ -୨୦୨୩ କୁ ସମୀକ୍ଷା କରିବା ଅଭିପ୍ରାୟରେ ୧୬ ଜାନୁୟାରୀ ୨୦୨୩ ତାରିଖରେ ଡ. ମହାମାୟା ପ୍ରସାଦ ନାୟକ, ଯୁଗ୍ମ ନିର୍ଦ୍ଦେଶକ (ସୂଚନା), କୃଷି ସମ୍ପ୍ରସାରଣ ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱରଙ୍କ ଅଧକ୍ଷତାରେ ୧୭ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ର ପରିସରରେ ଅନୁଷ୍ଠିତ (ହାଇବ୍ରିଡ଼ ମୋଡ଼) ହୋଇଯାଇଅଛି । ଉକ୍ତ ସଭାରେ ଡ. ଅନିଲ କୁମାର ସ୍ୱାଇଁ, ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ କେନ୍ଦ୍ର ଦ୍ୱାରା ହୋଇଥିବା ବିଭିନ୍ନ କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ, ତାଲିମ୍ କାର୍ଯ୍ୟକ୍ରମ ଏବଂ ସରକାରୀ ବିଭାଗ ଦ୍ୱାରା ମିଳିତ ସମ୍ପ୍ରସାରଣ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ । ଏତଦ୍‌ବ୍ୟତୀତ ସଭାରେ ଉପସ୍ଥିତ ଥିବା ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟମାନେ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ସେମାନଙ୍କ ମତାମତ ଦେବା ସହ ବିଭାଗୀୟ ଯୋଜନା ବାବଦରେ ମଧ ସଭାରେ ଅବଗତ କରାଇଥିଲେ । ମୃତ୍ତିକା-ଆଦ୍ରତା ସଂରକ୍ଷଣ, ଶ୍ରମଲାଭବ ଜ୍ଞାନ କୌଶଳର ପ୍ରଚାର, ପନିପରିବା ଚାଷରେ ଜୀବାଣୁ ସାରର ବ୍ୟବହାର, ବାୟୋଫ୍ଲକ ମଡେଲକୁ ପ୍ରସାର କରିବା ସହ ଚାଷୀମାନଙ୍କୁ ଉକ୍ତ ପଦ୍ଧତିରେ ତାଲିମ ପ୍ରଦାନ, ଯାନ୍ତ୍ରିକ ପଦ୍ଧତିରେ ଧାଡ଼ି ବୁଣାକୁ ପ୍ରୋତ୍ସାହନ, କୃଷକ ଉତ୍ପାଦକ ଗୋଷ୍ଠୀକୁ ସୁଦୃଢ କରିବା ତଥା ପ୍ରଶିକ୍ଷଣ, ସମନ୍ୱିତ କୀଟ ପରିଚାଳନାକୁ ଗୁରୁତ୍ୱ ଦେବା ଏବଂ ଜଙ୍ଗଲ ଜାତୀୟ ଚାରାକୁ ଚାଷୀ ମହଲରେ ଆଦୃତ କରାଇବା, ଅମଳ ପରବର୍ତ୍ତୀ କାର୍ଯ୍ୟରେ କୃଷି ଯାନ୍ତ୍ରିକରଣକୁ ଅଗ୍ରାଧିକାର, ବର୍ଷା ଋତୁରେ ଫସଲ ବିବିଧିକରଣକୁ ଆପଣେଇବା ଏବଂ ନୂତନ ଜ୍ଞାନ କୌଶଳ ଗୁଡ଼ିକୁ କ୍ଷୁଦ୍ର ପ୍ରଦର୍ଶନୀ ମାଧମରେ କୃଷି ବିଜ୍ଞାନ କେନ୍ଦରେ ସ୍ଥାପନ କରିବା ଏବଂ ଚାଷୀମାନଙ୍କୁ ଏତଦ୍‌ଅନୁସାରେ ତାଲିମ୍ ଦେବା ଆଦି ବାବଦରେ ସଭାପତି ମହୋଦୟ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥାର ପ୍ରଧାନ ବୈଜ୍ଞାନିକ ଡ. ଏଚ୍.କେ.ଦେ., କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ହୋଇଥିବା କାର୍ଯ୍ୟାବଳୀର ପ୍ରଶଂସା କରିବା ସହ ଚାଷକ୍ଷେତ୍ରରେ ଚାଷୀମାନଙ୍କ ବୈଜ୍ଞାନିକ ଜ୍ଞାନର ଅଭାବକୁ ଠିକ୍‌ରେ ମାପିବା ଏବଂ ପ୍ରମାଣିତ ଜ୍ଞାନ କୌଶଳକୁ ସଠିକ୍ ଭାବରେ ରୂପାନ୍ତରିତ କରିବା ପାଇଁ ଆହ୍ୱାନ ଦେଇଥିଲେ । କଲିକତାସ୍ଥିତ ଅଟାରି କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ. ଏଚ୍.ଏଫ୍.ରେହେମାନ୍, ଚାଷୀମାନଙ୍କର ସମ୍ପୂର୍ଣ୍ଣ ବିକାଶରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ବିଷୟରେ ଆଲୋଚନା କରିବା ସହ ବିଭିନ୍ନ ପ୍ରକଳ୍ପ ମାଧମରେ ଚାଷୀମାନଙ୍କର ସାମୂହିକ ଉନ୍ନତି କରିବା ତଥା ସ୍ଥାନ ଆଧାରିତ ବୈଷୟିକ ଜ୍ଞାନର ପ୍ରଚାର କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ. ସୁବାଷ ଚନ୍ଦ୍ର ମହାପାତ୍ର,ଡ଼. ପ୍ରମୋଦ କୁମାର ନାୟକ, ଆଖୁ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ, ଉଦ୍ୟାନ ଉପ-ନିର୍ଦ୍ଦେଶକ, ଲଳିତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼.ଏ.କେ.ଜେନା, ନାବାର୍ଡ଼ର ଅଧିକାରୀ, ଶ୍ରୀମତୀ ତୃପ୍ତି ତାପସୀ, ଗଣମାଧମର ପ୍ରତିନିଧି ଏବଂ ଚାଷୀଭାଇ ଭଉଣୀମାନେ ଉକ୍ତ ସଭାରେ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଉକ୍ତ ସଭାକୁ ଡ. ମଧୁମିତା ଜେନା, ସଂପ୍ରସାରଣ ବୈଜ୍ଞାନିକ ପରିଚାଳନା କରିବା ସହ ଶୀମତୀ ଗୀତାଞ୍ଜଳୀ ସ୍ୱବୁଦ୍ଧି, ଗୃହବିଜ୍ଞାନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ବର୍ତ୍ତମାନ ପରିସ୍ଥିତିରେ କୃଷି ଉଦ୍ୟୋଗୀକରଣର ଗୁରୁତ୍ୱକୁ ଉପଲବ୍ଧି କରି ସରକାରୀ ତଥା ବେସରକାରୀ ମହଲରୁ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମମାନ କରାଯାଉଅଛି । ଏହି ପରିପ୍ରେକ୍ଷିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନୟାଗଡ଼ର ଆର୍ଥିକ ସହାୟତାରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ରେ ମିଳିତ ଭାବରେ ଜିଲ୍ଲାସ୍ତରୀୟ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି । ଉକ୍ତ ପ୍ରଶିକ୍ଷଣରେ ଉନ୍ନତମାନର ଚାରା ଉତ୍ପାଦନ କୌଶଳ, ଜୈବିକ କୃଷି ଏବଂ ଜୈବିକ ଉତ୍ପାଦର ଉତ୍ପାଦନ କୌଶଳ ତଥା ବୈଜ୍ଞାନିକ ପ୍ରଣାଳୀରେ ଆଖୁଚାଷ ବାବଦରେ ଜିଲ୍ଲାର ମୋଟ ୬୦ ଜଣ ଋଷୀଉଦ୍ୟୋଗୀଙ୍କୁ ତାଲିମ୍ ପ୍ରଦାନ କରାଯାଇଅଛି । ଉକ୍ତ ପ୍ରଶିକ୍ଷଣରେ ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀରେ ପନିପରିବା ଚାରା ପ୍ରସ୍ତୁତି ଏବଂ ଏହାର ପରିଋଳନା ସମ୍ବନ୍ଧରେ ଡ. ଗୌରୀଶଙ୍କର ସାହୁ, ପନିପରିବା ବିଭାଗର ମୁଖ୍ୟ, ଓୟୁଏଟି, ଭୁବନେଶ୍ୱର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସହ ଚାଷୀମାନଙ୍କୁ ଡେରାସସ୍ଥିତ ଉଦ୍ୟାନ ଫାର୍ମ ପ୍ରଦର୍ଶନ କରାଯାଇ ଫଳ ଓ ପନିପରିବା ପାଇଁ ଉପଯୁକ୍ତ ନୂତନ ଜ୍ଞାନ କୌଶଳ ମାନ ଆଦି ପ୍ରଦର୍ଶନ କରାଯାଇଥିଲା । ଏତଦ୍‌ବ୍ୟତୀତ ଚାଷୀମାନଙ୍କୁ ପ୍ରୋ-ଟ୍ରେ ମାଧ୍ୟମରେ ଚାରା ପ୍ରସ୍ତୁତି, ବିହନ ଉପଚାର, ତଳି ଘେରାର ଯତ୍ନ ଆଦି ବାବଦରେ ଶିକ୍ଷା ଦିଆଯାଇଥିଲା । ଜୈବିକ କୃଷି ଏବଂ ଜୈବ-ଉତ୍ପାଦର ଉତ୍ପାଦନ ପ୍ରଶିକ୍ଷଣରେ ମାଟି ନମୁନା ସଂଗ୍ରହ, ମାଟି ପରୀକ୍ଷା, କୃଷି କାର୍ଯ୍ୟରେ ଜୈବିକ ଚାଷର ଭୂମିକା, ଜୈବ ଉତ୍ପାଦନର ପ୍ରଦର୍ଶନ କୌଶଳ ଏବଂ ଏହାର କାର୍ଯ୍ୟକାରିତା ତଥା ଜୀବାଣୁ ସାରର ବ୍ୟବହାର ଏବଂ ଏହାର ଉତ୍ପାଦନ କୌଶଳ ଜାଣିବା ନିମନ୍ତେ ଓ.ୟୁଏଟି, ଭୂବନେଶ୍ୱର ସ୍ଥିତ ଜୀବାଣୁ ପରୀକ୍ଷାଗାର ପରିଦର୍ଶନ କରାଯାଇଥିଲା ଏବଂ ଅଧିକାରୀ ମାନଙ୍କ ଦ୍ୱାରା - ଜୀବାଣୁ ସାରର ପ୍ରସ୍ତୁତ ପ୍ରଣାଳୀ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ ଓ.ୟୁଏଟି, ଭୂବନେଶ୍ୱରର ମୃତ୍ତିକା ବିଜ୍ଞାନ ବିଭାଗର ମୁଖ୍ୟଙ୍କ ଦ୍ୱାରା ଜିଆଖତ ଚାଷ ଏବଂ ପନିପରିବାରେ ଏହାର ପ୍ରଭାବ ବିଷୟରେ ଏହାର ଆଲୋଚନା କରାଯାଇଥିଲା । ବୈଜ୍ଞାନିକ ପ୍ରଣାଳୀରେ ଆଖୁଚାଷ ତାଲିମ୍ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ନୂତନ କିସମର ଆଖୁ ଚାରା ପ୍ରସ୍ତୁତି ପ୍ରଣାଳୀ, ସଘନ ପ୍ରଣାଳୀରେ ଆଖୁଋଷ, ଜଳ ପରିଚାଳନା, ସମନ୍ୱିତ ରୋଗପୋକ ପରିଚାଳନା ବାବଦରେ ପ୍ରଶିକ୍ଷଣ ଦେବା ସହ ଢେଙ୍କାନାଳସ୍ଥିତ ଚିନିକଳ ପରିଦର୍ଶନ କରାଯାଇ ଚିନି ଉତ୍ପାଦନର ବିଭିନ୍ନ ପ୍ରସ୍ତୁତି ପ୍ରଣାଳୀମାନ ଅବଗତ କରାଯାଇଥିଲା ।

## ଡାଲି ଜାତୀୟ ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ନୟାଗଡ଼ ଜିଲ୍ଲାରେ ଧାନ ପରେ ବିଭିନ୍ନ ପ୍ରକାରର ଡାଲି ଜାତୀୟ ଫସଲ ଚାଷ କରାଯାଇଥାଏ । ସେଥିମଧ୍ୟରୁ ବୁଟ ଅନ୍ୟତମ । ଆମ ଜିଲ୍ଲାରେ ପ୍ରାୟ ୫୭୦ ହେକ୍ଟର ଜମିରେ ବୁଟଚାଷ କରାଯାଇଥାଏ ଏବଂ ହେକ୍ଟ ପିଛା ଅମଳ ପାଖାପାଖି ୧୦ କୁଇଣ୍ଟାଲ ମିଳିଥାଏ ଯାହାକି ଜାତୀୟ ସ୍ତରରୁ ଅପେକ୍ଷାକୃତ କମ୍ । ଉନ୍ନତମାନର ବିହନ ଅଭାବ ତଥା ଝାଉଁଳା ରୋଗର ପ୍ରାଦୁର୍ଭାବ, ଜଳ ସୁପରିଚାଳନା ଏବଂ ରୋଗପୋକର ଆକ୍ରମଣ ହେତୁ ଚାଷୀଭାଇମାନେ ଆଶାନୁରୁପ ଅମଳ ପାଇପାରିନଥାନ୍ତି । ଉକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଅଧିକ ଅମଳକ୍ଷମ କିସମ (ଏନ୍.ବି.ଇ.ଜି - ୪୯)ର ଆଗୁଆଧାଡ଼ି କ୍ଷେତ୍ର ପ୍ରଦର୍ଶନ ଭାପୁରସ୍ଥିତ ବଡ଼ବର ଗ୍ରାମରେ ବିଗତ ରବି ଋତୁରେ ପ୍ରଦର୍ଶନ କରାଯାଇଥିଲା । ଝାଉଁଳା ରୋଗର ପ୍ରାଦୁର୍ଭାବରୁ ରକ୍ଷା ନିମନ୍ତେ ଟ୍ରାଇକୋଡର୍ମା ଭିରିଡ଼ି କେଜି ପ୍ରତି ୧୦ଗ୍ରାମ୍ ବିହନ ଉପଚାର କରାଯାଇଥିଲା ଏବଂ ଉପଯୁକ୍ତ ଖାଦ୍ୟସାର ପରିଚାଳନା ନିମନ୍ତେ ଜଳଦ୍ରବିଭୁତ ଏନ୍.ପି.କେ ସାରକୁ ଲିଟର ପିଛା ୫ଗ୍ରାମ ହିସାବରେ ଫୁଲ ଧରିବା ଏବଂ ଫଳ ପାକଳ ହେବା ସମୟରେ ଗଛରେ ପ୍ରୟୋଗ ତଥା ଚେର ସଢା ରୋଗରୁ ନିୟନ୍ତ୍ରଣ ନିମନ୍ତେ ଭାଲିଡ଼ାମାଇସିନ୍‌କୁ ଲିଟର ପ୍ରତି ୨ଏମ୍.ଏଲ ହିସାବରେ ମୂଳ ସିଞ୍ଚନ ଏବଂ ଫଳବିନ୍ଧା ପୋକର ଆକ୍ରମଣରୁ ଗଛକୁ ରକ୍ଷାକରିବା ନିମନ୍ତେ ହେକ୍ଟର ପ୍ରତି ୨୦ଟି ଫେରୋମୋନ୍ ଟ୍ରାପ୍ ଆଦି ଲଗାଯାଇଥିଲା । ଉକ୍ତ କ୍ଷେତ୍ର ପ୍ରଦର୍ଶନୀରେ ହେକ୍ଟର ପିଛା ୧୧.୨ କ୍ୱିଣ୍ଟାଲ ଅମଳ ହୋଇଥିଲା ଏବଂ ହାରାହାରି ଗଛ ପ୍ରତି ୫୫ଟି ଫଳ ଧରିଥିଲା । ଯାନ୍ତ୍ରୀକ ଉପାୟରେ ( ଫେରୋମୋନ୍ ଟ୍ରାପ ) ଫଳବିନ୍ଧା ପୋକକୁ ନିୟନ୍ତ୍ରଣ କରିବା ଦ୍ୱାରା ଗଛରେ ପୋକର କୌଣସି ପ୍ରାଦୁର୍ଭାବ ଦେଖାଯାଇନଥିଲା ଏବଂ ଜଳ ଦ୍ରବଣିୟ ସାରର ବ୍ୟବହାର ଦ୍ୱାରା ଅଧିକ ସଂଖ୍ୟକ ଫୁଲ ଫୁଟିବା ଏବଂ ଫଳ ଧରିବା ପରିଲକ୍ଷିତ ହୋଇଥିଲା





























## ଧାନ ପରବର୍ତ୍ତୀ ରବି ଋତୁ ପଡ଼ିଆ ଜମିରେ ମୁଗଚାଷ


ଧାନ ଏବଂ ମୁଗ ଫସଲ ପରସ୍ପର ପରିପୂରକ । ପରମ୍ପରାଗତ ଭାବେ ବହୁବର୍ଷ ଧରି ଆମ ଜିଲ୍ଲାରେ ଧାନ ଫସଲ ପରେ ପ୍ରାୟତଃ ସବୁ ଜମିରେ ମୁଗ ଫସଲ କରାଯାଉଥିଲା କିନ୍ତୁ କ୍ରମଶଃ ବିଭିନ୍ନ କାରଣରୁ ଏହି ଫସଲ ମାତ୍ର ୫୮୦୦୦ ହେକ୍ଟର ଜମିରେ ସୀମିତ ହେଇଯାଇଛି । ଯାହା ଫଳରେ ଧାନ ଫସଲ ପରବର୍ତ୍ତୀ ଅବସ୍ଥାରେ ଅର୍ଦ୍ଧାଧିକ ଜମି ପଡ଼ିଆ ପଡୁଛି । ଗୋଟିଏ ପଟରେ ଡାଲି ଜାତୀୟ ଫସଲରେ ସ୍ୱାବଲମ୍ବୀ ନହେବା ଏବଂ ଧାନ ଜମିରେ ଗୁଣାତ୍ମକମାନ ନିରାକରଣ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ପ୍ରୟାସରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଦ୍ୱାରା ଚଳିତ ରବି ଋତୁରେ ୫୦ ହେକ୍ଟର ପରିମିତ ପଡ଼ିଆ ଜମିରେ ''ବିରାଟ'' କିସମର ମୁଗଚାଷ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟୂନ ୬୭ ଚାଷୀଙ୍କୁ ନେଇ ଭାପୁର ଓ ଖଣ୍ଡପଡ଼ା ବ୍ଲକ୍‌ର ବିଭିନ୍ନ ଗ୍ରାମରେ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିହନ ଉପଚାର ନିମନ୍ତେ କେଜି ବିହନ ପ୍ରତି ୫-୧୦ମି.ଲି. ରାଇଜୋବିୟମ୍ ଏବଂ ପି.ଏସ୍.ପି. ର ବ୍ୟବହାର, ଟ୍ରାକ୍ଟର ଚାଳିତ ବିହନବୁଣା ଯନ୍ତ୍ରରେ ଧାଡ଼ିବୁଣା ଯଦ୍ୱାରା ବିହନ ସଠିକ୍ ଗଭିରତାରେ ପଡ଼ିବା ସହ ଧାଡ଼ିକୁ ଧାଡ଼ି ଏବଂ ଗଛକୁ ଗଛ ସଠିକ ବ୍ୟବଧାନ, ସାହେବୀ ରୋଗ ନିରାକରଣ ନିମନ୍ତେ ଏକର ପ୍ରତି ୮ଟି ହଳଦିଆ ଅଠାଯନ୍ତା, ଶୋଷକ ପୋକ ନିୟନ୍ତ୍ରଣ ନିମନ୍ତେ ଥାୟୋମିଥୋଜାମ୍ ୬ଗ୍ରାମ୍ ୧୫ଲିଟର ପାଣିରେ, ପାଉଁଶିଆ ରୋଗ ନିମନ୍ତେ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ସଲଫର, ଅଧିକ ଫୁଲ ଏବଂ ଫଳ ଧରିବା ନିମନ୍ତେ ହର୍ମୋନ (ପ୍ଲାନୋଫିକ୍ସ ୪ ମି.ଲି./ ୧୫ଲିଟର ପାଣି)ର ପ୍ରୟୋଗ ଏବଂ ପୋକ ନିୟନ୍ତ୍ରଣ ନିମିତ୍ତ ଆଲୋକ ଯନ୍ତା ଏବଂ ଫେରୋମନ୍ ଯନ୍ତାର ବ୍ୟବହାର ଆଦି ବାବଦରେ ତାଲିମ୍ ଦେବା ସହ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଉକ୍ତ ପ୍ରଦର୍ଶନୀରେ ଡ୍ରୋନ୍ ମାଧ୍ୟମରେ ଜଳ ଦ୍ରବିଭୂତ ସାରର ପ୍ରୟୋଗ କରିବା ସହ ଏକ କ୍ଷେତ୍ର ଦିବସ ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ସାହୁ, ମାନ୍ୟବର ଜିଲ୍ଲାପାଳ ମହୋଦୟ, ନୟାଗଡ଼ଙ୍କ ଉପସ୍ଥିତିରେ ଉଦୟପୁର ଗ୍ରାମରେ ମାର୍ଚ୍ଚ ମାସ ୨୨ ତାରିଖରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ଅନ୍ୟାନ୍ୟ ଅତିଥି ରୂପେ ବ୍ଲକ ଉନ୍ନୟନ ଅଧିକରୀ,ଖଣ୍ଡପଡ଼ା, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ, ଆଖୁ ଗବେଷଣା କେନ୍ଦ୍ରର ମୁଖ୍ୟ ତଥା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ତଥା ଅନ୍ୟାନ୍ୟ ବୈଜ୍ଞାନିକ ଗଣ ମଧ୍ୟ ଉପସ୍ଥିତ ଥିଲେ । ଭାପୁର ବ୍ଲକରେ ମଧ୍ୟ ଏକ କ୍ଷେତ୍ର ଦିବସ ବ୍ଲକ କୃଷି ଅଧିକାରୀ ଶ୍ରୀଯୁକ୍ତ ବି.ଏନ୍. ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ମୁଗ ଚାଷର ହିତାଧିକାରୀମାନେ ଯୋଗଦେଇ ସେମାନଙ୍କର ଅନୁଭୂତି କହିବା ସହ ବୈଜ୍ଞାନିକ ପ୍ରଣାଳିରେ ଚାଷ କରିବା ତଥା ଧାନ ଚାଷପରେ ଜମିକୁ ପଡ଼ିଆ ନରଖିବା ଏବଂ ମାଟିର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନହେବା ଆଦି ବାବଦରେ ଚାଷୀ ମାନଙ୍କୁ ଉଦ୍‌ବୋଧନ ଦିଆଯାଇଥିଲା । ଉକ୍ତ ସଭାରେ ସ୍ଥାନୀୟ ସମବାୟ ସମିତିର ଉପସଭାପତି ଶ୍ରୀଯୁକ୍ତ ଜେ.କେ.ବାରିକ ଏବଂ କୃଷି ବିଭାଗର ବିଭିନ୍ନ ଅଧିକାରୀ ତଥା କୃଷି ବିଜ୍ଞାନ କେନ୍ଦ୍ରର ସଂପ୍ରସାରଣ ବୈଜ୍ଞାନିକ ଆଦି ଉପସ୍ଥିତ ଥିଲେ । ଉପରୋକ୍ତ ବୈଜ୍ଞାନିକ ଭିତ୍ତିକ ଜ୍ଞାନ କୌଶଳ ଦ୍ୱାରା ଚାଷୀଭାଇମାନେ ହେକ୍ଟର ପ୍ରତି ୬.୨ କ୍ୱିଣ୍ଟାଲ ମୁଗ ଅମଳ କରିଥିଲେ ଯାହା ପାରମ୍ପରିକ ପଦ୍ଧତିଠାରୁ ୧୬% ଅଧିକ ।



















## ମାଛର ଉକୁଣିଆ ରୋଗ ପ୍ରତିକାରର ସଫଳ କ୍ଷେତ୍ରପରୀକ୍ଷଣ

ବର୍ତ୍ତମାନ ପରିସ୍ଥିତିରେ ମାଛର ଉକୁଣି ରୋଗ ପ୍ରଧାନ ସମସ୍ୟା ଭାବେ ଉଙ୍କି ମାରିଛି । ଉକୁଣି ବା ଆର୍ଗୁଲସ୍‌କୁ ସାଧାରଣଭାବେ ଖାଲି ଆଖିରେ ଦେଖିହୁଏ । ଏଗୁଡ଼ିକ ଧଳା ରଙ୍ଗର ହୋଇଥିବା ସହ ଏମାନଙ୍କ ପିଠିପଟ ଏକ ଟାଣ ଖୋଳପା ଦ୍ୱାରା ଆବୃତ ଅଟେ । ଏହି ଉକୁଣିଗୁଡ଼ିକ ଚମଡ଼ାକୁ ଫୋଡ଼ି ରକ୍ତ ଖାଇ ପେଟ ଫୁଲିଗଲା ପରେ ଉକୁଣୀ ମାଛ ଶରୀରରେ ଆଉ ଲାଗି ରହେ ନାହିଁ ଏବଂ ଜଳରେ ମୁକ୍ତଭାବେ ବୁଲେ । ପରବର୍ତ୍ତୀ ସମୟରେ ପୁନର୍ବାର ମାଛକୁ ଆକ୍ରମଣ କରିଥାଏ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ତରଫରୁ ମାଛର ଉକୁଣିଆ ରୋଗ ନିରାକରଣ ବାବଦରେ ଏକ କ୍ଷେତ୍ର ପରୀକ୍ଷଣ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ୍‌ସ୍ଥିତ ସେରଜଙ୍ଗ ଓ ଖଳିସାହି ଗ୍ରାମ ଏବଂ ଓଡ଼ଗାଁ ବ୍ଲକ୍‌ସ୍ଥିତ ଗୋଠବଣ ଓ ସୋଲପଟା ଗ୍ରାମରେ କରାଯାଇଥିଲା । ଏହି ରୋଗର ପ୍ରତିକାର ନିମନ୍ତେ ୧ ଟନ ଖାଦ୍ୟରେ ୨୫୦ ଗ୍ରାମ୍ ଆଇଭରମେକ୍ଟିନ୍ (ଯାହାକି ବଜାରରେ ପାରାକ୍ୟୁର ଆଇ.ଭି ନାମରେ ଉପଲବ୍ଧ) ମିଶାଇ ପୋଖରୀରେ ପ୍ରୟୋଗ କରାଯାଏ ଏବଂ ପ୍ରତି ୪ ଦିନ ବ୍ୟବଧାନରେ ପୁନଃ ପ୍ରୟୋଗ ଦ୍ୱାରା ଉକୁଣିଆ ରୋଗର ପ୍ରତିକାର ହୋଇଥାଏ । ଏହି କୌଶଳର ସଫଳ ପରୀକ୍ଷଣ ଦ୍ୱାରା ମାଛ ଚାଷୀମାନେ ଉକ୍ତ ପଦ୍ଧତିକୁ ଆପଣାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

## ମୁଗ ଫସଲରେ ସାହେବୀ ରୋଗର ପରିଚାଳନା

ମୁଗ ଫସଲ ନୟାଗଡ଼ ଜିଲ୍ଲାର ଅନ୍ୟତମ ମୁଖ୍ୟ ଫସଲ ଅଟେ । ମାତ୍ର ଏହି ଫସଲରେ ସାହେବୀ ରୋଗର ପ୍ରାଦୁର୍ଭାବ ହେତୁ ଚାଷୀଭାଇ ଠିକ୍ ହିସାବରେ ଅମଳ ପାଇପାରିନଥାନ୍ତି । ଏହାକୁ ଲକ୍ଷ୍ୟରେ ରଖି କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ଦ୍ୱାରା ୨୦୨୨-୨୩ ମସିହାରେ ମୁଗ ଫସଲରେ ସମନ୍ୱିତ ସହେବୀ ରୋଗ ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପରିଦର୍ଶନ କରାଯାଇଥିଲା । ଏଥିପାଇଁ ପ୍ରଥମେ ପ୍ରତି କି.ଗ୍ରା ମଞ୍ଜିକୁ ଇମିଡକ୍ଲୋପ୍ରିଡ୍ ୬୦୦ ଏଫ୍.ଏସ୍. ୫ମି.ଲି ଔଷଧ ଦ୍ୱାରା ବିଶୋଧନ କରି ଲଗାଯାଇଥିଲା । ପରେ ହେକ୍ଟର ପ୍ରତି ୨୦ଗୋଟି ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରି ଫସଲରେ ଡାଇଫେନ୍‌ଥ୍ୟୁରନ୍ ଏବଂ ନିମ୍ବ ଅଧାରିତ ବିଷକୁ ଅଦଳ ବଦଳ କରି ଫସଲରେ ପତ୍ର ସିଞ୍ଚନ କରାଯାଇଥିଲା । ସାହେବୀ ରୋଗର ବାହକ କୀଟ ଧଳାମାଛିକୁ ଉକ୍ତ ପଦ୍ଧତିରେ ନିୟନ୍ତ୍ରଣ କରି ଚାଷୀଭାଇମାନେ ହେକ୍ଟର ପ୍ରତି ୫.୧୬ କ୍ୱିଣ୍ଟାଲ ଅମଳ ପାଇଥିଲେ ଯାହାକି ପାରମ୍ପରିକ ଚାଷ ଠାରୁ ୩୯% ଅଧିକ ଅଟେ ।

**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ


**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ପ୍ରମୋଦ କୁମାର ପୃଷ୍ଟି, ଲତା ମଲ୍ଲିକ, ମଧୁମିତା ଜେନା, ସୁଚିସ୍ମିତା ଦ୍ୱିବେଦୀ, ସ୍ନିଗ୍ଧା ପଟ୍ଟନାୟକ, ଦେବାଶିଷ ନାୟକ, ରୋଜାଲିନ ପ୍ରହରାଜ

**ଯୋଗାଯୋଗ ଠିକଣା**

**କୃଷି ବିଜ୍ଞାନ କେନ୍ଦ୍ର**
ଗ୍ରାମ - ପାଣିପଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040

## ଅନୁଭୂତିରୁ ପଦେ...



ମୁଁ ପ୍ରସନ୍ନ କୁମାର ନନ୍ଦ, ଗ୍ରାମ- ଉଦୟପୁର, ବ୍ଲକ୍- ଖଣ୍ଡପଡ଼ା, କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚାଷବାସରେ ନୂତନ ଜ୍ଞାନ କୌଶଳ ଆଦି ଶିଖିଅଛି ଯଥା ରୋଗପୋକ ସହନ ଶକ୍ତି ଥିବା କିସମ, ବିହନ ବିଶୋଧନର ଉପକାରିତା, ଟ୍ରାକ୍ଟରଚାଳିତ ଧାଡ଼ିବୁଣାଯନ୍ତ୍ର ତଥା ଜମିରେ ସବୁଜସାରର ପ୍ରୟୋଗ, ଜଳବାୟୁ ସମ୍ବନ୍ଧିତ ପାଣିପାଗର ସୂଚନା ଆଦି କୃଷି ବିଜ୍ଞାନ କେନ୍ଦ୍ରଠାରୁ ପାଇଥାଏ, ଯାହାଦ୍ୱାରା ମୋର ଚାଷକାମରେ ଲାଭହେବା ସହିତ ଆର୍ଥିକ ବିକାଶ ମଧ୍ୟ ହୋଇପାରିଛି । ବର୍ତ୍ତମାନ ପରିସ୍ଥିତିରେ କୃଷିରେ ଯାନ୍ତ୍ରିକରଣର ବିକାଶ, ମୃତ୍ତିକା ସ୍ୱାସ୍ଥ୍ୟ ତଥା ଖର୍ଚ୍ଚଲାଘବ ଜ୍ଞାନ କୌଶଳ ଆଦି ଅପରିହାର୍ଯ୍ୟ ଆଶାକରେ କୃଷି ବିଜ୍ଞାନ କେନ୍ଦ୍ର ଚାଷୀ ମାନଙ୍କର ସର୍ବାଙ୍ଗୀନ ଉନ୍ନତୀରେ ସର୍ବଦା ଚେଷ୍ଟିତ ରହୁ ।

Prasana Kumar Nanda